# ୟୁଏଇର ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

ଫେବୃଆରୀ 13, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ୟୁଏଇ ଗସ୍ତରେ ଆବୁଧାବିରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ତାଙ୍କୁ ୟୁଏଇର ରାଷ୍ଟ୍ରପତି ମହାମହିମ ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନ୍ ସ୍ୱାଗତ କରିଥିଲେ ଏବଂ ଏହାପରେ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

2. ଦୁଇ ନେତା ବ୍ୟକ୍ତିଗତ ସ୍ତରରେ ଓ ପ୍ରତିନିଧି ସ୍ତରୀୟ ଆଲୋଚନା କରିଥିଲେ । ସେମାନେ ଦ୍ୱିପାକ୍ଷିକ ଭାଗିଦାରୀର ସମୀକ୍ଷା କରିଥିଲେ ଏବଂ ସହଯୋଗର ନୂତନ କ୍ଷେତ୍ର ଉପରେ ଆଲୋଚନା କରିଥିଲେ । ବାଣିଜ୍ୟ ଓ ପୁଞ୍ଜିନିବେଶ, ଡିଜିଟାଲ ଭିତ୍ତିଭୂମି, ଫିନଟେକ୍, ଏନର୍ଜି, ଭିତ୍ତିଭୂମି, ସଂସ୍କୃତି ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ରଣନୈତିକ ଭାଗିଦାରୀ ବା ଷ୍ଟ୍ରାଟେଜିକ୍ ପାର୍ଟନରସିପକୁ ସେମାନେ ସ୍ୱାଗତ କରିଥିଲେ । ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

3. ଦୁଇ ନେତା ନିମ୍ନୋକ୍ତ ବିଷୟ ଉପରେ ମତର ଆଦାନପ୍ରଦାନ କରିଥିଲେ:

· **ଦ୍ୱିପାକ୍ଷିକ ନିବେଶ ଚୁକ୍ତି:** ଏହି ଚୁକ୍ତି ଉଭୟ ଦେଶରେ ପୁଞ୍ଜିନିବେଶକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରମୁଖ ସହାୟକ ହେବ । ଭାରତ ୟୁଏଇ ସହିତ ଉଭୟ ଦ୍ୱିପାକ୍ଷିକ ନିବେଶ ଚୁକ୍ତି ଏବଂ ଏକ ବ୍ୟାପକ ଅର୍ଥନୈତିକ ଭାଗିଦାରୀ ଚୁକ୍ତି ସ୍ୱାକ୍ଷର କରିଛି ।

· **ବିଦ୍ୟୁତ୍ ସଂଯୋଗ ଏବଂ ବାଣିଜ୍ୟ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣାପତ୍ର:** ଏହା ଏନର୍ଜି ନିରାପତ୍ତା ଏବଂ ଶକ୍ତି ବାଣିଜ୍ୟ ସମେତ ଶକ୍ତି କ୍ଷେତ୍ରରେ ସହଯୋଗର ନୂତନ କ୍ଷେତ୍ର ଖୋଲିଛି ।

· **ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡରର ସଶକ୍ତୀକରଣ ଏବଂ ପରିଚାଳନା ପାଇଁ ସହଯୋଗ ସମ୍ବନ୍ଧୀୟ ଆନ୍ତଃ-ସରକାରୀ ଫ୍ରେମୱାର୍କ ଚୁକ୍ତି:** ଏହା ଏହି ପ୍ରସଙ୍ଗରେ ପୂର୍ବ ବୁଝାମଣା ଏବଂ ସହଯୋଗ ଉପରେ ଆଧାରିତ ହେବ ଏବଂ ଆଞ୍ଚଳିକ ଯୋଗାଯୋଗକୁ ଆଗକୁ ବଢ଼ାଇବାରେ ଭାରତ ଏବଂ ୟୁଏଇ ସହଯୋଗକୁ ପ୍ରୋତ୍ସାହିତ କରିବ ।

· **ଡିଜିଟାଲ ଭିତ୍ତିଭୂମି ପ୍ରକଳ୍ପରେ ସହଯୋଗ ପାଇଁ ବୁଝାମଣାପତ୍ର :** ଏହା ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ସହଯୋଗ ସମେତ ବ୍ୟାପକ ସହଯୋଗ ପାଇଁ ଏକ ଢାଞ୍ଚା ସୃଷ୍ଟି କରିବ ଏବଂ ବୈଷୟିକ ଜ୍ଞାନ, ଦକ୍ଷତା ଏବଂ ଦକ୍ଷତା ଆଦାନପ୍ରଦାନକୁ ମଧ୍ୟ ସହଜ କରିବ ।

· **ୟୁଏଇର ଜାତୀୟ ପାଠାଗାର ଏବଂ ଅଭିଲେଖାଗାର ଏବଂ ଭାରତର ଜାତୀୟ ଅଭିଲେଖାଗାର ମଧ୍ୟରେ ସହଯୋଗ ପ୍ରୋଟୋକଲ :** ଏହି ପ୍ରୋଟୋକଲ୍ ଆର୍କାଇଭଲ୍ ସାମଗ୍ରୀର ପୁନରୁଦ୍ଧାର ଏବଂ ସଂରକ୍ଷଣ ସହିତ ଏହି କ୍ଷେତ୍ରରେ ବ୍ୟାପକ ଦ୍ୱିପାକ୍ଷିକ ସହଯୋଗକୁ ଆକାର ଦେବ ।

· **ଜାତୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସ (ଏନଏମଏଚସି)ର ବିକାଶ ପାଇଁ ବୁଝାମଣାପତ୍ର :** ଏହା ଗୁଜରାଟର ଲୋଥାଲଠାରେ ଥିବା ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଦୁଇ ଦେଶ ମଧ୍ୟରେ ଯୋଗାଯୋଗକୁ ପ୍ରୋତ୍ସାହିତ କରିବ ।

· **ଇନଷ୍ଟାଣ୍ଟ ପେମେଣ୍ଟ ପ୍ଲାଟଫର୍ମ - ୟୁପିଆଇ (ଇଣ୍ଡିଆ) ଏବଂ ଏଏନଆଇ (ୟୁଏଇ)ର ଇଣ୍ଟରଲିଙ୍କ୍ ଉପରେ ଚୁକ୍ତି :** ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ନିରବଚ୍ଛିନ୍ନ ସୀମାପାର କାରବାର ସହଜ ହେବ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆବୁଧାବି ଗସ୍ତ ସମୟରେ ଗତ ବର୍ଷ ଜୁଲାଇରେ ସ୍ୱାକ୍ଷରିତ ପେମେଣ୍ଟ ଏବଂ ମେସେଜିଂ ସିଷ୍ଟମକୁ ସଂଯୋଗ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

· **ଘରୋଇ ଡେବିଟ୍ /କ୍ରେଡିଟ୍ କାର୍ଡକୁ ଆନ୍ତଃ-ସଂଯୋଗ ପାଇଁ ଚୁକ୍ତି -** ରୁପେ (ଭାରତ)କୁ ଜୟୱାନ (ୟୁଏଇ) ସହିତ ଯୋଡ଼ିବା : ଆର୍ଥିକ କ୍ଷେତ୍ରରେ ସହଯୋଗ ସୃଷ୍ଟି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଏହା ସମଗ୍ର ୟୁଏଇରେ ରୁପେର ସାର୍ବଜନୀନ ସ୍ୱୀକୃତିକୁ ବୃଦ୍ଧି କରିବ ।

4. ଡିଜିଟାଲ ରୁପେ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଷ୍ଟେକ୍ ଉପରେ ଆଧାରିତ ୟୁଏଇର ଘରୋଇ କାର୍ଡ ଜୟୱାନର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହୟାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ନେତାମାନେ ଜୟୱାନ କାର୍ଡ ବ୍ୟବହାର କରି ହୋଇଥିବା ଏକ କାରବାର ଦେଖିଥିଲେ ।

5. ଏନର୍ଜି ସହଭାଗିତାକୁ ସୁଦୃଢ଼ କରିବା ନେଇ ମଧ୍ୟ ନେତାମାନେ ଆଲୋଚନା କରିଥିଲେ । ସେମାନେ ପ୍ରଶଂସା କରିଥିଲେ ଯେ ୟୁଏଇ ଅଶୋଧିତ ଏବଂ ଏଲପିଜିର ସବୁଠାରୁ ବଡ଼ ଉତ୍ସ ହୋଇଥିବା ବେଳେ ଭାରତ ବର୍ତ୍ତମାନ ଏଲଏନଜି ପାଇଁ ଦୀର୍ଘମିଆଦୀ ଚୁକ୍ତିରେ ପ୍ରବେଶ କରୁଛି ।

6. ଏହି ଗସ୍ତ ପୂର୍ବରୁ ରାଇଟ୍ସ ଲିମିଟେଡ୍ ଆବୁଧାବି ପୋର୍ଟସ କମ୍ପାନୀ ଏବଂ ଗୁଜରାଟ ମେରିଟାଇମ୍ ବୋର୍ଡ ସହ ଆବୁଧାବି ପୋର୍ଟସ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିଛି । ଏହା ବନ୍ଦର ଭିତ୍ତିଭୂମି ନିର୍ମାଣ ରେ ସହାୟକ ହେବ ଏବଂ ଦୁଇ ଦେଶ ମଧ୍ୟରେ ଯୋଗାଯୋଗକୁ ଆହୁରି ବଢ଼ାଇବ ।

7. ଆବୁଧାବିରେ ବିଏପିଏସ ମନ୍ଦିର ନିର୍ମାଣ ପାଇଁ ଜମି ପ୍ରଦାନରେ ତାଙ୍କର ବ୍ୟକ୍ତିଗତ ସମର୍ଥନ ଏବଂ ଉଦାରତା ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ ନାହୟାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଉଭୟ ପକ୍ଷ ଉଲ୍ଲେଖ କରିଛନ୍ତି ଯେ ବିଏପିଏସ ମନ୍ଦିର ୟୁଏଇ-ଭାରତ ବନ୍ଧୁତା, ଗଭୀର ସାଂସ୍କୃତିକ ବନ୍ଧନ ଏବଂ ସୌହାର୍ଦ୍ଦ୍ୟ, ସହିଷ୍ଣୁତା ଏବଂ ଶାନ୍ତିପୂର୍ଣ୍ଣ ସହବସ୍ଥାନ ପ୍ରତି ୟୁଏଇର ବିଶ୍ୱସ୍ତରୀୟ ପ୍ରତିବଦ୍ଧତାର ଏକ ପ୍ରତୀକ ।

**ଆବୁଧାବି**
**ଫେବୃଆରୀ 13, 2024**